# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**2 September – 2025**

## ସେମିକଣ୍ଡକ୍ଟର

ନୂଆଦିଲ୍ଲୀର ଯଶୋଭୂମିଠାରେ ସେମିକନ୍ ଇଣ୍ଡିଆ -୨୦୨୫ ସମ୍ମିଳନୀକୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିବେ । ଦେଶରେ ସେମିକଣ୍ଡକ୍ଟର ଇକୋସିଷ୍ଟମ୍‌କୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ । ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୩ ଦିନିଆ ସମ୍ମିଳନୀରେ ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମର ଅଗ୍ରଗତି ତଥା ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରସଙ୍ଗ ଉପରେ ଅଧିବେଶନମାନ ଅନୁଷ୍ଠିତ ହେବ । ସମ୍ମିଳନୀରେ ୪୮ରୁ ଅଧିକ ଦେଶର ପ୍ରାୟ ଅଢ଼େଇ ହଜାର ପ୍ରତିନିଧିଙ୍କ ସମେତ ସେମିକଣ୍ଡକ୍ଟର କ୍ଷେତ୍ରରେ କାର୍ଯ୍ୟରତ ବିଶେଷଜ୍ଞ, ଅଂଶୀଦାର ପ୍ରମୁଖ ଯୋଗଦେବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମିଳନୀରେ ଯୋଗଦେବା ଲାଗି ଗତକାଲିଠାରୁ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ।

## ଟିଇଟି

ଶିକ୍ଷକଙ୍କ ପାଇଁ ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଟିଇଟି ପରୀକ୍ଷାକୁ ସୁପ୍ରିମକୋର୍ଟ ବାଧ୍ୟତାମୂଳକ କରିଛନ୍ତି । ବିଚାରପତି ଜଷ୍ଟିସ୍ ଦୀପଙ୍କର ଦତ୍ତ ଏବଂ ଜଷ୍ଟିସ୍ ଅଗଷ୍ଟିନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ମାମଲା ଶୁଣାଣି କରି ପଦୋନ୍ନତି ଏବଂ ଚାକିରି ବଜାୟ ରଖିବାକୁ ହେଲେ ଶିକ୍ଷକଙ୍କୁ ଟିଇଟିରେ ଉତ୍ତୀର୍ଣ୍ଣ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ୫ ବର୍ଷ ଚାକିରିକାଳ ବାକିଥିବା ଶିକ୍ଷକଙ୍କ କ୍ଷେତ୍ରରେ ଏହା ଲାଗୁ କରାଯିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ।

## ବୈଠକ

ପୁରୀ ଶ୍ରୀମନ୍ଦିର ଛତିଶା ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଅପରାହ୍ନରେ ନିଳାଦ୍ରୀ ଭକ୍ତ ନିବାସରେ ଅନୁଷ୍ଠିତ ହେବ । ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ନାଟମଣ୍ଡପରେ ଧାଡ଼ି ଦର୍ଶନ, ଚନ୍ଦ୍ରଗ୍ରହଣ ଅବସରରେ ଠାକୁରଙ୍କର ନୀତି ନିର୍ଘଣ୍ଟ ଆଦି ପ୍ରସଙ୍ଗ ଗୁଡ଼ିକ ଉପରେ ନିଷ୍ପତ୍ତି ଗ୍ରହଣ କରାଯିବ । ମନ୍ଦିର ସୁରକ୍ଷା ତଥା ଶ୍ରୀମନ୍ଦିର ଆଇନରେ ସଂଶୋଧନ ନେଇ ମଧ୍ୟ ବୈଠକରେ ଆଲୋଚନା ହେବାର ଆଶା କରାଯାଉଛି ।

## ସଡ଼କ ପ୍ରକଳ୍ପ

ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରେ ୨୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ବିଭିନ୍ନ ସଡ଼କ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ।

## ଖାଦ୍ୟଯୋଗାଣ ମନ୍ତ୍ରୀଙ୍କ ଗସ୍ତ

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗତକାଲିଠାରୁ ୨ ଦିନିଆ ବିହାର ଗସ୍ତରେ ଯାଇଛନ୍ତି । ପ୍ରଥମ ଦିନରେ ଗତକାଲି ମନ୍ତ୍ରୀ ଶ୍ରୀ ପାତ୍ର ପାଟନାସ୍ଥିତ ଡକ୍ଟର ଏପିଜେ ଅବଦୁଲ କଲାମ ସାଇନ୍ସ ସିଟି ପରିଦର୍ଶନ କରିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଛନ୍ତି ।

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ରାଜ୍ୟର ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟଙ୍କ ପାଇଁ ଜୀବିକାର ନୂତନ ମାର୍ଗ ଉନ୍ମୋଚନ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ମିଶନଶକ୍ତି ବିଭାଗ ସହଯୋଗିତାରେ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗତକାଲିଠାରୁ ଆରମ୍ଭ ହୋଇଛି । ୪ ମାସ ଧରି ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୮ଟି ଜିଲ୍ଲାର ୨୧ ଜଣ ମହିଳା ଅଂଶ ଗ୍ରହଣ କରୁଛନ୍ତି ।

## ପ୍ରତିଷ୍ଠା ଦିବସ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପଞ୍ଚମ ପ୍ରତିଷ୍ଠା ଦିବସ ଗତକାଲି ପାଳିତ ହୋଇଯାଇଛି । ସମାରୋହରେ ଯୋଗଦେଇ ସାଂସଦ ମାଳବିକା ଦେବୀ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ବିକାଶ ଏବଂ ଗବେଷଣା ଉନ୍ନତି ପାଇଁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ ଉପରେ ପ୍ରତିଶ୍ରୁତି ଦେଇଛନ୍ତି । ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ନବନିର୍ମିତ ବାସଗୃହକୁ ସାଂସଦ ଉଦ୍‌ଘାଟନ କରିଛନ୍ତି ।

## ଅଙ୍ଗନବାଡ଼ି କେନ୍ଦ୍ର ଗସ୍ତ

ରାଜ୍ୟ ସରକାରଙ୍କ ଜିଲ୍ଲା ନୋଡାଲ୍ କମିଶନର ଅରବିନ୍ଦ ଅଗ୍ରଓ୍ୱାଲ ସୁବର୍ଣ୍ଣପୁର ଜିଲ୍ଲା ତରଭା ବିଜ୍ଞପ୍ତିତ ଅଞ୍ଚଳ ପରିଷଦ ୧ନମ୍ବର ଓ୍ୱାର୍ଡର ଗଡ଼ଭିତର ଅଙ୍ଗନବାଡ଼ି କେନ୍ଦ୍ର ଗତକାଲି ପରିଦର୍ଶନ କରିଛନ୍ତି । ସେଠାରେ କିଚେନ୍

ଗାର୍ଡନ୍ କରିବା ପାଇଁ ଅଙ୍ଗନବାଡ଼ି କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି । ବିଭିନ୍ନ ପ୍ରସଙ୍ଗ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଶ୍ରୀ ଅଗ୍ରୱାଲ ମତ ବିନିମୟ କରିଛନ୍ତି ।

---

# ସାର

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରାଜ୍ୟରେ ସାର ଯୋଗାଣ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଶ୍ରୀ ଆହୁଜା ଚାଷୀଙ୍କୁ ଆବଶ୍ୟକତା ଅନୁସାରେ ସାର ଯୋଗାଇବା ପାଇଁ ଯୋଗାଣ ଶୃଙ୍ଖଳ, ସାର ମହଜୁଦ ଓ ବଣ୍ଟନ ବ୍ୟବସ୍ଥାରେ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତବର୍ଷ ରାଜ୍ୟରେ  ୮ଲକ୍ଷ ୬୭ ହଜାର ମେଟ୍ରିକ୍ ଟନ୍ ସାର ବିକ୍ରୟ ହୋଇଥିବା ବୈଠକରୁ ଜଣାପଡ଼ିଛି ।

---

# ମଧ୍ୟାହ୍ନ ଭୋଜନ ମାନ

ମାଲକାନଗିରି ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟ ପଦ୍ମଗିରି ଏସ୍ଏସ୍ଡି ଉଚ୍ଚବିଦ୍ୟାଳୟ ଗସ୍ତ କରି ମଧ୍ୟାହ୍ନ ଭୋଜନର ମାନ ଅନୁଧ୍ୟାନ କରିଛନ୍ତି । ଶ୍ରୀ ଉପାଧ୍ୟାୟ ବିଦ୍ୟାଳୟର ଭିତ୍ତିଭୂମି ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଗୁଣବତ୍ତା ସଂପନ୍ନ ଖାଦ୍ୟ ପରଷିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

---

# ଫୁଟ୍‌ବଲ

ଅଶୀତମ ରାଜ୍ୟ ପୋଲିସ୍ ଫୁଟ୍‌ବଲ ପ୍ରତିଯୋଗିତା ୨୦୨୫ରେ ସୁନ୍ଦରଗଡ଼ ଚମ୍ପିୟାନ୍ ହୋଇଛି । ସୁନ୍ଦରଗଡ଼ ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଯାପନୀ

ସମାରୋହରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ । ଫାଇନାଲ୍ ମ୍ୟାଚ୍‌ରେ ସୁନ୍ଦରଗଡ଼ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪-୩ ଗୋଲ୍‌ରେ ଝାରସୁଗୁଡ଼ାକୁ ପରାସ୍ତ କରିଥିଲା ।

## ଜନଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗତକାଲି ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ସଂପର୍କିତ ଖବର ଆମର ହସ୍ତଗତ ହୋଇଛି ।

ଢେଙ୍କାନାଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୭୫ଟି ଅଭିଯୋଗର ଶୁଣାଣି ହୋଇଥିଲା ।

କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ' ଚକାପାଦ ବ୍ଲକ କାର୍ଯ୍ୟାଳୟଠାରେ ୯୩ଟି ଅଭିଯୋଗର ଶୁଣାଣି କରିଥିଲେ ।

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୧୭୫ଟି ଅଭିଯୋଗର ଶୁଣାଣି ହୋଇଛି ।

ମାଲକାନଗିରି ବ୍ଲକ ପଦ୍ମଗିରି ଗ୍ରାମପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୪୫ଟି ଅଭିଯୋଗର ଶୁଣାଣି ହୋଇଥିଲା ।

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଘୂର୍ଣ୍ଣିବଳୟ ଆଜି ସୁଦ୍ଧା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ

ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଆଜି ପାଇଁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

.......................................................................................................